بِسۡمِ اللّٰہِ الرَّحۡمٰنِ الرَّحِیۡمِ

**୨୫ ଜୁଲାଇ ୨୦୨୫ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ – ଜଲ୍‌ସାସ୍ଥଲୀ, ହଦିକତୁଲ୍ ମେହ୍‌ଦୀ ଇଂଲଣ୍ଡ**

**ଇଂଲଣ୍ଡର ବାର୍ଷିକ ଧର୍ମ ସମ୍ମିଳନୀ ୨୦୨୫ମସିହା ନିମନ୍ତେ କର୍ମକର୍ତ୍ତା ଓ ଅତିଥିମାନଙ୍କୁ ମହାମହିମ ହୁଜୁର ଅନଓ୍ଵର ଅ.ବଙ୍କର ବହୁମୂଲ୍ୟ ଉପଦେଶ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ଵହ୍‌ଦହୁ ଲାଶରିକା ଲହୁ ଓ୍ଵଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ଵରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ଵ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ଵଲଦ୍ଵାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ଵରଅ.ବ କହିଲେ; ଆଜି ସନ୍ଧ୍ୟାରେ ଇନ୍‌ଶାଅଲ୍ଲାଃ ଇଂଲଣ୍ଡର ବାର୍ଷିକ ଧର୍ମ ସମ୍ମିଳନୀ ସମାରୋହର କାର୍ଯ୍ୟକ୍ରମ ପାରମ୍ପରିକ ରୂପେ ଆରମ୍ଭ ହେବ । ଏହି ଜଲ୍‌ସା ସଂକ୍ରାନ୍ତରେ ଯେପରିକି ହଜରତ ମସିହ ମଉଦଅ.ସ କହିଛନ୍ତି; ଅତି ମହତ୍ଵର ଅଧିକାରୀ । କାରଣ ଏଥିରେ ଜମାଅତର ଅର୍ଥାତ୍ ସଦସ୍ୟବୃନ୍ଦଙ୍କ ଜ୍ଞାନରେ ଅଭିବୃଦ୍ଧି, ସେମାନଙ୍କ ଚାରିତ୍ରିକ ଓ ଆଧ୍ୟାତ୍ମିକ ଅବସ୍ଥାରେ ଉନ୍ନତି ପାଇଁ କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ କରାଯାଇଥାଏ । ଅଲ୍ଲାଃତାଲା ପ୍ରତ୍ୟେକ ଯୋଗଦାନକାରୀଙ୍କୁ ଏଥିରୁ ପୂର୍ଣ୍ଣ ରୂପେ ଉପକୃତ ହେବାକୁ ଶକ୍ତି ପ୍ରଦାନ କରନ୍ତୁ । ବର୍ତ୍ତମାନ ମୁଁ ଜଲ୍‌ସାରେ ଡ୍ୟୁଟି ଦେଉଥିବା କର୍ମକର୍ତ୍ତା ଓ ଯୋଗଦାନକାରୀମାନଙ୍କୁ କିଛି କଥା କହିବି ।

ଇସଲାମୀୟ ନୀତିଶିକ୍ଷାରେ ଅତିଥିମାନଙ୍କ ସମ୍ମାନସତ୍କାର କରିବାକୁ ବେଶ ତାଗିଦ କରାଯାଇଛି । ଆଉ ଆମ ପ୍ରିୟ ନବୀ ହଜରତ ମୁହମ୍ମଦସ.ଅ ମଧ୍ୟ ଏଥିପ୍ରତି ଖୁବ୍ ତାଗିଦ କରିଛନ୍ତି । ହୁଜୁରସ.ଅ କହିଲେ; ଅତିଥିମାନଙ୍କୁ ତାଙ୍କର ଅଧିକାର ପ୍ରଦାନ କର ଏବଂ ସେହି ଅଧିକାର ହେଉଛି, ପରିସ୍ଥିତି ଅନୁଯାୟୀ କିଛି ଦିନର ଅତିଥିସତ୍କାର କରିବା । ହୁଜୁର ସ.ଅଙ୍କର ଏହି ଉପଦେଶର ପରିଣାମ ଥିଲା ଯେ, ସାହାବାମାନେ ବଳିଦାନ କରି ନିଜ ଓ ସ୍ତ୍ରୀପିଲାଙ୍କର ପେଟକାଟି ଅତିଥିସତ୍କାର କରୁଥିଲେ । ସୁତରାଂ ଆଜିକାଲି ଏହି ଦିନମାନଙ୍କରେ ହଜରତ ମସିହ ମଉଦ ଅ.ସଙ୍କ ଅତିଥିମାନେ ଯେ ଜଲ୍‌ସାର କାର୍ଯ୍ୟକ୍ରମ ଶୁଣିବାକୁ ଆସୁଛନ୍ତି, ତାଙ୍କର ସମସ୍ତ ପ୍ରକାରର ସେବାଯତ୍ନ କରିବା ପ୍ରତ୍ୟେକ କର୍ମୀ, କର୍ମକର୍ତ୍ତା ଓ ଅଧିକାରୀମାନଙ୍କର କର୍ତ୍ତବ୍ୟ । ଯେଉଁମାନେ କୌଣସି ମହକମା, ବିଭାଗରେ ସେବା ସମ୍ପାଦନ କରୁଛନ୍ତି, ଏହି ପବିତ୍ର ଦିନମାନଙ୍କରେ ବିଶେଷ ଭାବରେ ପରିଶ୍ରମ, ଧୈର୍ଯ୍ୟ ଓ ଦୁଆ କରିବାରେ ସମୟ ଅତିବାହିତ କରିବେ । ଯଦି କେତେବେଳେ ଅତିଥିମାନଙ୍କ ଠାରୁ କଠୋର ଉକ୍ତି ଶୁଣିବାକୁ ପଡେ ତେବେସୁଦ୍ଧା ଉତ୍ତମ ଆଚରଣ ପ୍ରଦର୍ଶନ କରିବେ, ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭ କରିବା ସକାଶେ ତାହାକୁ ଅଣଦେଖା କରିନେବେ । ଏଠାରେ ବିଭିନ୍ନ ବିଭାଗ ରହିଛି, ମୁଁ ଗତ ଖୁତ୍‌ବାରେ ମଧ୍ୟ ସଂକ୍ଷିପ୍ତରେ ବର୍ଣ୍ଣନା କରିଥିଲି ଯେ, ପ୍ରତ୍ୟେକ ବିଭାଗର ଅଧିକାରୀ ଓ ତାଙ୍କ କର୍ମଚାରୀମାନେ ନିଜ ନିଜ କର୍ତ୍ତବ୍ୟ ସଦାଚାର ଓ ବିନମ୍ରତା ପୂର୍ବକ ସମ୍ପାଦନ କରନ୍ତୁ ।

ହଜରତ ମସିହ ମଉଦ ଅ.ସଙ୍କର ମଧ୍ୟ ଏହି ପରିପ୍ରେକ୍ଷୀରେ ଅସଂଖ୍ୟ ଘଟଣାବଳୀ ରହିଛି । ହୁଜୁରଅ.ସ ବିଶେଷ ଭାବରେ ନିର୍ଦ୍ଦେଶ ଦେଉଥିଲେ ଯେ, ଅତିଥିମାନଙ୍କ ସହିତ କିପରି ସୁବ୍ୟବହାର କରିବ । ହୁଜୁର ଅ.ସଙ୍କ ଉପଦେଶାବଳୀ ଓ ମହତବାଣୀ, ଆପଣଙ୍କ ଜୀବନୀ ପୁସ୍ତକର ବିଭିନ୍ନ ସ୍ଥାନରେ ଓ ଭିନ୍ନ ଭିନ୍ନ ଶୈଳୀରେ ବର୍ଣ୍ଣିତ

ରହିଛି । ଯେପରିକି ଆସାମରୁ ଆସିଥିବା ଅତିଥିମାନଙ୍କ ସତ୍କାର କରିବାର ପ୍ରସିଦ୍ଧ ଘଟଣା ଉଲ୍ଲେଖ ରହିଛି ଯେ, ଆପଣ କିପରି ତାଙ୍କ ସେବା ସତ୍କାର କରିଥିଲେ । ଏସବୁ ଘଟଣାମାନ ଆମେ ଶୁଣିଥାଉ ଓ ଆନନ୍ଦିତ ହୋଇଥାଉ ଯେ, କିପରି ଆପଣ ତାଙ୍କର ଧ୍ୟାନ ରଖିଥିଲେ । ଆଉ ତାହା ସମସ୍ତ କର୍ମୀ, କର୍ମକର୍ତ୍ତା ତଥା ଡ୍ୟୁଟି ଦେଉଥିବା ସଦସ୍ୟଙ୍କ ପାଇଁ ଶିକ୍ଷା ହାସଲ କରିବାର ବିଷୟ, ଯେଉଁମାନେ ହଜରତ ମସିହ ମଉଦ ଅ.ସଙ୍କ ଅତିଥିମାନଙ୍କ ସେବା କରିବା ସକାଶେ ନିଜକୁ ଉପସ୍ଥାପନ କରିଥାନ୍ତି ।

ଏହିପରି ଅତିଥିସତ୍କାର କରିବାର ଆଉ ଏକ ଉଦାହରଣ ହଜରତ ମୁଫତି ମୁହମ୍ମଦ ସାଦିକ୍ ସାହେବର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ମୁଁ ଲାହୋରରୁ କାଦିୟାନ ଆସିଲି । ଆଉ ଆମ ପ୍ରିୟ ମୁନିବ ହଜରତ ମସିହ ମଉଦଅ.ସ ସ୍ୱୟଂ ନିଜ ହାତରେ ମୋ ପାଇଁ ଆହର ନେଇ ଆସିଲେ ଏବଂ ମୋତେ ଦେଖି କହିଲେ; ଆପଣ ଖାଦ୍ୟ ଗ୍ରହଣ କରନ୍ତୁ ମୁଁ ଏବେ ପାଣି ନେଇ ଆସୁଛି । ସେ କୁହନ୍ତି; ସେତେବେଳେ ମୁଁ ବିଭୋର ହୋଇଗଲି ଓ ମୋ ଚକ୍ଷୁରୁ ସ୍ୱତଃ ଲୁହ ଝରି ପଡିଲା, **ଯେ ହଜରତ ମସିହ ମଉଦଅ.ସ ଯେତେବେଳେ ଆମ ମୁଖିଆ ଓ ମୁନିବ ହୋଇ ଆମର ଏପରି ସେବା କରୁଛନ୍ତି ତେବେ ଆମକୁ ପରସ୍ପରର କିପରି ସେବାସତ୍କାର କରିବା ଉଚିତ୍ ।** ମହାମହିମ ହୁଜୁର ଅନଓ୍ୱରଅ.ବ କହିଲେ; ଏହା ହେଉଛି ଆଦର୍ଶ ଓ ହଜରତ ମସିହ ମଉଦ ଅ.ସଙ୍କ ଜୀବନୀରେ ଆମକୁ ଅତିଥିସତ୍କାରର ଏପରି ଅନେକ ଘଟଣାବଳୀ ଦେଖିବାକୁ ମିଳୁଅଛି ।

ଏକଦା ହଜରତ ମସିହ ମଉଦଅ.ସ ଲୋକମାନଙ୍କୁ ଉପଦେଶ ପୂର୍ବକ କହିଲେ; ମୁଁ ଏଥିପ୍ରତି ସର୍ବଦା ଚିନ୍ତିତ ରହିଥାଏ ଯେ, କୌଣସି ଅତିଥିକୁ ଯେପରି କଷ୍ଟ ନହେଉ, ବରଂ ସର୍ବଦା ଏହାର ତାଗିଦ କରିଥାଏ ଯେ ଯେପର୍ଯ୍ୟନ୍ତ ସମ୍ଭବ ଅତିଥିମାନଙ୍କୁ ଆରାମ ପହଞ୍ଚାନ୍ତୁ । **ଦେଖ ଅତିଥିର ହୃଦୟ ଦର୍ପଣ ସଦୃଶ, ଯାହାକି ସାମନ୍ୟତମ ଧକ୍କା ଲାଗିଲେ ଭାଙ୍ଗି ଯାଇଥାଏ, ତେଣୁ ତୁମେ ତାହାର ପୂର୍ଣ୍ଣ ସୁରକ୍ଷା କର ।** ସୁତରାଂ ଏହା ହେଉଛି ହଜରତ ମସିହ ମଉଦ ଅ.ସଙ୍କର ଆଦର୍ଶ ଯାହାକି ହୁଜୁରଅ.ସ ନିଜ ମୁନିବଙ୍କର ଅନୁକରଣ କରି ଅତିଥିମାନଙ୍କ ସତ୍କାର କରିବାକୁ ଆମମାନଙ୍କୁ ଉପଦେଶ ଦେଉଛନ୍ତି । ଥରେ ହୁଜୁରଅ.ସ ଲଙ୍ଗରଖାନା (ଅତିଥାଳୟ)ର ଅଧକ୍ଷଙ୍କୁ କହିଲେ; ଦେଖ ! ଅନେକ ଅତିଥି (କାଦିୟାନ) ଆସିଛନ୍ତି ସେମାନଙ୍କ ମଧ୍ୟରୁ କେତେକ ବନ୍ଧୁ ତୁମର ପରିଚିତ ଓ ଅନ୍ୟ କେତେକ ଅପରିଚିତ, ତେଣୁ ଏହା ଉଚିତ୍ ଯେ ତୁମେ ସେ ସମସ୍ତଙ୍କର ସମ୍ମାନ ଓ ସତ୍କାର କର । ଅତଃ ପ୍ରତ୍ୟେକ କର୍ମୀଙ୍କୁ ଏହି ପ୍ରୟାସ କରିବା ଉଚିତ୍ ଯେ, ଯେଉଁସ୍ଥଳେ ଓ ଯେଉଁ ବିଭାଗରେ ତାହାର ଡ୍ୟୁଟି ଲାଗିଛି ସେ ସେଠାରେ ଅତିଥିମାନଙ୍କର ସତ୍କାର କରିବାର କର୍ତ୍ତବ୍ୟ ପୂର୍ଣ୍ଣ ରୂପେ ସମ୍ପାଦନ କରିବାକୁ ଚେଷ୍ଟା କରନ୍ତୁ ।

ବିଭିନ୍ନ ବିଭାଗ ଯେପରିକି ଟିକଟ୍ ପ୍ରସ୍ତୁତ କରିବା ଠାରୁ ଆରମ୍ଭ କରି ଜଲ୍‌ସାସ୍ଥଳୀରେ ପ୍ରବେଶ କରିବା ପର୍ଯ୍ୟନ୍ତ ଏହି କର୍ମୀମାନେ ଅତିଥିମାନଙ୍କ ସଂସ୍ପର୍ଶରେ ଆସିଥାନ୍ତି । ତେଣୁ ପ୍ରତ୍ୟେକ ସ୍ଥଳେ କର୍ମୀମାନଙ୍କୁ ପ୍ରସନ୍ନଚିତ୍ତରେ ଉତ୍ତମ ଆଚରଣ ପ୍ରଦର୍ଶନ କରିବା ଉଚିତ୍ । ଖାଦ୍ୟ ପ୍ରସ୍ତୁତ କରିବା ଠାରୁ ଆରମ୍ଭ କରି ଖାଦ୍ୟ ଖୁଆଇବା ବିଭାଗ ପର୍ଯ୍ୟନ୍ତ ପ୍ରତ୍ୟେକ ବିଭାଗରେ କାର୍ଯ୍ୟରତ ସେବକମାନଙ୍କୁ ଅତିଥିମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ୍ । କାରଣ ଏହା ଅତିଥି ସତ୍କାରର ଗୁରୁତ୍ୱପୂର୍ଣ୍ଣ ଅଂଶ । ଗୋଟିଏ ତ ଏହିକି ଯେ, ଅତିଥିମାନଙ୍କ ପେଟପୁରା ଭୋଜନ କରାଇବା ଓ ସମ୍ମାନର ସହିତ କରାଇବା ଉଚିତ୍ । ଲଙ୍ଗରଖାନାରେ ଖାଦ୍ୟ ପ୍ରସ୍ତୁତ କରୁଥିବା ପୂଝାରୀମାନଙ୍କୁ ଭଲ ରୂପେ ରୋଷେଇ କରିବା ଉଚିତ୍ ଏବଂ ଏଥିପ୍ରତି ମଧ୍ୟ ଧ୍ୟାନ ରଖିବେ ଯେ ଖାଦ୍ୟ ପର୍ଯ୍ୟାପ୍ତ ମାତ୍ରାରେ ପ୍ରସ୍ତୁତ ହେଉ ଓ କମ୍ ହୋଇ ନଯାଉ । ପରିଷ୍କାର ପରିଚ୍ଛନ ରଖିବା ବିଭାଗ ମଧ୍ୟ ବିଶେଷ ଭାବରେ ନିଜ କାର୍ଯ୍ୟ ପ୍ରତି ଯତ୍ନବାନ ରହିବେ, **ପରିଷ୍କାର ରହିବା ତ ବିଶ୍ୱାସର ଏକ ଅଂଶ ।** କେତେକ ଲୋକଙ୍କୁ ସଠିକ୍ ଧାରଣା ନଥାଏ ଓ ସେମାନେ ପୂର୍ଣ୍ଣ ରୂପେ ଜଲ୍‌ସାର କାର୍ଯ୍ୟକ୍ରମ ଶୁଣି ନଥାନ୍ତି । ଶାନ୍ତି ଶୃଙ୍ଖଳା ରକ୍ଷାକାରୀମାନଙ୍କୁ

ଆବଶ୍ୟକ ଯେ, ମହିଳାମାନଙ୍କୁ ଓ ପୁରୁଷମାନଙ୍କୁ (କାର୍ଯ୍ୟକ୍ରମ ଶୁଣିବାକୁ) ପ୍ରେମ ତଥା ନମ୍ରତାର ସହିତ ବୁଝାନ୍ତୁ । ସେ ଯାହା ହେଉ ପ୍ରତ୍ୟେକ ସ୍ଥଳେ କର୍ମୀମାନଙ୍କୁ ଏଥିପ୍ରତି ବିଶେଷ ଧ୍ୟାନ ରଖିବା ଉଚିତ୍ ଯେ ଆମକୁ ନିଜର ସୁନ୍ଦର ନମୁନା ପ୍ରଦର୍ଶନ କରିବାର ଅଛି । ହଜରତ ମସିହ ମଉଦ[ଅ.ସ] ଆମମାନଙ୍କ ଉପରେ ଯେପରି ସକାରାତ୍ମକ ଚିନ୍ତାଧାରା ପୋଷଣ କରିଛନ୍ତି, ତାହାକୁ ଆମେମାନେ ବଜାୟ ରଖିବାକୁ ଉଦ୍ୟମ କରିବା ଉଚିତ୍ ।

ଏହିପରି କିଛି କଥା ମୁଁ ଅତିଥିମାନଙ୍କୁ ମଧ୍ୟ କହିବାକୁ ଚାହେଁ । ଯଦିଚ କିଛି ଅଣଅହେମଦି ଅତିଥି ମଧ୍ୟ ଆମ ଜଲ୍‌ସାରେ ଯୋଗ ଦେଇଥାନ୍ତି ତେବେ ସେମାନଙ୍କୁ ବାଦ ଦେଲେ ବାକି ଅଧିକାଂଶ ଅତିଥି ଅହେମଦି ହିଁ ଥାନ୍ତି, ଆପଣମାନେ ଏଠାକୁ ଜଲ୍‌ସା ଶୁଣିବାକୁ ଆସିଛନ୍ତି । ତେଣୁ ଏକଥାକୁ ଗୁରୁତ୍ୱ ଦିଅନ୍ତୁ ନାହିଁ ଯେ, ବ୍ୟବସ୍ଥା ସଠିକ୍ ହୋଇଛି କି ନାହିଁ, ଅତିଥିସତ୍କାର ଠିକ୍ ରୂପେ ସମ୍ପନ୍ନ ହେଉଛି କି ନାହିଁ ଅଥବା କର୍ମୀ ଓ କର୍ମକର୍ତ୍ତାମାନଙ୍କର ଆଚରଣ କିପରି ରହିଛି । ଆମର ମୂଳ ଉଦ୍ଦେଶ୍ୟ ତ ଆଧ୍ୟାତ୍ମିକ ଆହର ହାସଲ କରିବା ତେଣୁ ଆପଣମାନଙ୍କୁ ଏଥିପାଇଁ ଉଦ୍ୟମ କରିବା ଉଚିତ୍ । ଆଉ ତାହା ତ ଆପଣମାନେ କରିଥାନ୍ତି, ବାକି ଯଦି କର୍ମୀମାନଙ୍କର କୌଣସି ଦୋଷତ୍ରୁଟି ହୋଇଯାଏ ତେବେ ତାହାକୁ ଅଣଦେଖା କରିବା ଉଚିତ୍ । ଯଦି ଆପଣମାନେ ଏପରି କରିବେ ତେବେ ସେହି ଉଦ୍ଦେଶ୍ୟକୁ ପ୍ରାପ୍ତ କରିପାରିବେ ଯେଉଁଥି ପାଇଁ ଆପଣମାନେ ଏଠାକୁ ଆସିଛନ୍ତି । ଆଉ ଏତଦ୍ ଦ୍ୱାରା ପାରସ୍ପରିକ ସମ୍ପର୍କ ମଜବୁତ ହେବ । ସମସ୍ତ ଅତିଥିମାନଙ୍କୁ ଧ୍ୟାନ ରଖିବା ଉଚିତ୍ ଯେ, ସେମାନଙ୍କର ଏଠାକୁ ଆସିବାର ଉଦ୍ଦେଶ୍ୟ କ'ଣ ? **ସେହି ମହତ ଉଦ୍ଦେଶ୍ୟ ଏହିକି ଯେ, ଉତ୍ତମ ଚରିତ୍ର ଗଠନ କରିବା ଓ ନିଜ ପାଳନକର୍ତ୍ତାଙ୍କୁ ସ୍ମରଣ କରିବା ଦ୍ୱାରା ହିଁ ପୂରଣ ହୋଇଥାଏ ।**

ଖାଦ୍ୟ ଖାଇବା ସ୍ଥାନରେ ଅତିଥିମାନଙ୍କୁ ସର୍ବଦା ଆହର ନଷ୍ଟ ନକରିବା ପ୍ରତି ଯତ୍ନଶୀଳ ହେବା ଉଚିତ୍ । ଆଉ ଜଲ୍‌ସାର ଏହି ଦିନମାନଙ୍କରେ ଭୋଜନକୁ କଲ୍ୟାଣ ମନେକରି ସେବନ କରନ୍ତୁ ଏବଂ କଦାପି ଆହର ନଷ୍ଟ କରିବେ ନାହିଁ । ଏତଦ୍ ଦ୍ୱାରା ଆପଣମାନେ ସେବକମାନଙ୍କୁ ମଧ୍ୟ ସହଯୋଗ କରିପାରିବେ । ସର୍ବଦା ସ୍ମରଣ ରଖିବେ ଆମକୁ ଜଲ୍‌ସାର ଉଦ୍ଦେଶ୍ୟ ପୁରଣ କରିବାର ଅଛି ଓ ତାହାର ଆଶିଷ ସାଉଣ୍ଟି ନିଜ ପଣତକୁ ଭରି ନେବାକୁ ଚେଷ୍ଟା କରିବାର ଅଛି ଯେଉଁଥିପାଇଁ ହଜରତ ମସିହ ମଉଦ[ଅ.ସ] ଏହି ଆଧ୍ୟାତ୍ମିକ ଜଲ୍‌ସାର ଆୟୋଜନ ଓ ଭିତ୍ତି ସ୍ଥାପନ କରିଥିଲେ । ଯେପରିକି ହୁଜୁର[ଅ.ସ] କହିଛନ୍ତି, ଯେଉଁ କାର୍ଯ୍ୟ ମଧ୍ୟ ଏଠାରେ ହେବ ତାହା ପ୍ରଭୁଙ୍କ ସକାଶେ ହେବ, ଯେଉଁ କଥା ହେବ ତାହା ଅଲ୍ଲାହ୍‌ଙ୍କ ସକାଶେ ହେବ ତେଣୁ ପ୍ରତ୍ୟେକଙ୍କୁ ଏକଥା ନିଜ ସମ୍ମୁଖରେ ରଖିବା ଉଚିତ୍ । **ଏକଥା ମଧ୍ୟ ମନେରଖିବେ ଯେ, ଆମକୁ ନିଜ ଦିନଗୁଡ଼ିକ ଅଲ୍ଲାହ୍‌ଙ୍କ ପ୍ରଶଂସାଗାନ କରିବା ତାଙ୍କ ନାମ ଜପିବାରେ ଅତିବାହିତ କରିବା ଉଚିତ୍ ।** ଏପରିକି ଜଲ୍‌ସାର କାର୍ଯ୍ୟକ୍ରମ ଶୁଣିବା ସମୟରେ ମଧ୍ୟ ନିଜ ଜିହ୍ୱାକୁ ପ୍ରଭୁଙ୍କ ଗୁଣଗାନ କରିବାରେ ଭିଜାଇ ରଖିବା ଏବଂ ଯା'ଆସ ଓ ପରସ୍ପର ସହିତ ସାକ୍ଷାତ କରିବା ସମୟରେ ମଧ୍ୟ ଧାର୍ମିକ କଥା ହିଁ ଆଲୋଚନା କରିବା ଉଚିତ୍ । ଯେତେବେଳେ ଏପରି ହେବ ତେବେଯାଇ ସେହି ପରିବେଶ ଉତ୍ପନ୍ନ ହେବ ଯେଉଁଥିପାଇଁ ଏହି ଜଲ୍‌ସାର ଆୟୋଜନ କରାଯାଇଛି ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଏଥିପ୍ରତି ଧ୍ୟାନ ଆକର୍ଷିତ କଲେ ଯେ, ହଜରତ ମସିହ ମଉଦ[ଅ.ସ] ଏଥିପ୍ରତି ଗଭୀର ଚିନ୍ତା ବ୍ୟକ୍ତ କରିଛନ୍ତି ଯେଉଁମାନେ ଜଲ୍‌ସାର କାର୍ଯ୍ୟକ୍ରମ ଧ୍ୟାନ ପୂର୍ବକ ଶୁଣି ନଥାନ୍ତି, ଏପରି ବ୍ୟକ୍ତି ଜଲ୍‌ସାରେ ଯୋଗ ଦେବାର କିଛି ଲାଭ ନାହିଁ । ଏକଥାକୁ ଆମମାନଙ୍କୁ ବିଶେଷ ଭାବରେ ମନେରଖିବା ଉଚିତ୍ ଯେ, ଆମ ଉଦ୍ଦେଶ୍ୟ ହେଉଛି ନିଜର ସୁଧାର କରିବା, ନିଜ ଧାର୍ମିକ ଜ୍ଞାନର ଅଭିବୃଦ୍ଧି କରିବା ଓ ନିଜ ଆଧ୍ୟାତ୍ମିକ ଅବସ୍ଥାରେ ଉନ୍ନତ କରିବା । ଏଥିପାଇଁ ଆମମାନଙ୍କୁ ଆପ୍ରାଣ ଉଦ୍ୟମ କରିବା ସହିତ ଚାରିତ୍ରିକ କ୍ଷେତ୍ରରେ ମଧ୍ୟ

ନିଜ ଅବସ୍ଥାରେ ଉନ୍ନତ କରିବା ଉଚିତ୍ । ନିଜ ବନ୍ଧୁ ଓ ପରିଜନଙ୍କ ସକାଶେ ବଳିଦାନ କରିବାର ଭାବନା ଜାଗ୍ରତ କରିବା ଓ ପାରସ୍ପରିକ ମନମାଳିନ୍ୟକୁ ଦୂର କରିବା ମଧ୍ୟ (ଜଲ୍‌ସା)ର ଏକ ବହୁତ ବଡ ଉଦ୍ଦେଶ୍ୟ । ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏ ଯେଉଁ ଆଧ୍ୟାତ୍ମିକ ପରିବେଶ ଉତ୍ପନ୍ନ ହୋଇଛି ଓ ଏଠାରେ ଏତେ ହଜାର ଲୋକ ଏକତ୍ରିତ ହୋଇଛନ୍ତି, ଏହା ମଧ୍ୟ ଏକ ଏପରି ପରିବେଶ ଯେଉଁସ୍ଥଳେ ପରସ୍ପରର ମଙ୍ଗଳ କାମନା କରି ଭାତୃଭାବକୁ ପ୍ରସୟ ଦେବା । **ଯଦ୍ଦ୍ୱାରା ସେହି ଅବସ୍ଥା ଓ ପରିବେଶ ଉତ୍ପନ୍ନ ହେବ ଯେଉଁଥିରେ ସ୍ନେହ, ଶ୍ରଦ୍ଧା, ପ୍ରେମ ଓ ଭାତୃଭାବ ସୁଦୃଢ଼ ହେବ ।** ଯାହାକି ଇସଲାମୀୟ ମୂଳମନ୍ତ୍ରର ବିଶେଷତ୍ୱ । ଏହାର ପାଳନ କରି ହିଁ ମନୁଷ୍ୟ ଈଶ୍ୱରଙ୍କ ସାନିଧ ଲାଭ କରିଥାଏ ଓ ତାଙ୍କ କୃପା ଲାଭ କରିପାରିଥାଏ । ସୁତରାଂ ଏଥିପ୍ରତି କର୍ମୀ ଓ ଅତିଥି ଉଭୟ ଧ୍ୟାନ କେନ୍ଦ୍ରିତ କରନ୍ତୁ ଯେ, ଆମମାନଙ୍କ ଚରିତ୍ର ସର୍ବଦା ଉଚ୍ଚସ୍ଥାନରେ ଆସିନ୍ନ ହେଉ ଏବଂ ସମସ୍ତ ପ୍ରକାରର ବିପତ୍ତି ଓ କ୍ଷତିରୁ ବର୍ତ୍ତି ରହିବା ନିମନ୍ତେ ସର୍ବଦା ଦୁଆ କରିବା ଉଚିତ୍ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହି ଦିନମାନଙ୍କରେ ପଡୋଶୀ (ସ୍ଥାନୀୟ ନିବାସୀ)ମାନଙ୍କର ମଧ୍ୟ ଧ୍ୟାନ ରଖିବେ, ସଡକର ନିୟମ ପାଳନ, ପରିବେଶ ନିର୍ମଳ ରଖିବା, ଶିଶୁ ଥିବା ମହିଳା, ପାରକିଙ୍ଗ୍ ଓ ଅନ୍ୟାନ୍ୟ ବିଷୟରେ ମାର୍ଗଦର୍ଶନ କଲେ । ଅଲ୍ଲାଃତାଲା କରନ୍ତୁ ଆପଣମାନେ ସମସ୍ତେ ଜଲ୍‌ସାରୁ ପୂର୍ଣ୍ଣ ରୂପେ ଉପକୃତ ହୁଅନ୍ତୁ । ଏହାର ଆଶିଷ ଲାଭ କରି, ନିଜ ପଣତକୁ ଭରି ଏଠାରୁ ଫେରନ୍ତୁ । ଅଲ୍ଲାଃତାଲାଙ୍କ କୃପାର ଉତ୍ତରାଧିକାରୀ ହୋଇ ପ୍ରତ୍ୟାବର୍ତ୍ତନ କରନ୍ତୁ । ଅଲ୍ଲାଃତାଲା ସର୍ବଦା ଆପଣ ଓ ଆପଣଙ୍କ ସନ୍ତାନସନ୍ତତିଙ୍କ ଉପରେ ଅପାର କଲ୍ୟାଣ କରନ୍ତୁ । ଆପଣମାନେ ଅହେମଦିୟତ୍‌ର ହିତକାରୀ ଅସ୍ତିତ୍ୱ ହୋଇ ଏହି ଭବ ସଂସାରରେ ଜୀବନ ଅତିବାହିତ କରନ୍ତୁ ତଥା ଆପଣଙ୍କ ସନ୍ତାନସନ୍ତତିରେ ମଧ୍ୟ ସେହିପରି ଜଣେ ଜଣେ ପବିତ୍ର ଓ ପରୋପକାରୀ ଅସ୍ତିତ୍ୱ ପାଲଟି ଜଗତରେ ନିଜ ଜୀବନ ଅତିବାହିତ କରନ୍ତୁ । ଆଉ ଏହି କ୍ରମନ୍ୱୟ ପ୍ରଳୟଦିବସ ପର୍ଯ୍ୟନ୍ତ ଅବ୍ୟାହତ ରହିଥାଉ । ପରିଶେଷରେ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ବିଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ବିଭିନ୍ନ ବିଭାଗର ପ୍ରଦର୍ଶନୀ ଲାଗିଛି ଏବଂ ବେଶ ଜ୍ଞାନ-ବର୍ଦ୍ଧକ ତଥା କୌତୁହଳ ପୂର୍ଣ୍ଣ ବିଷୟ ଲଗାଯାଇଛି ଯାହାକି ଦେଖିବା ଯୋଗ୍ୟ, ତେଣୁ ସେଗୁଡ଼ିକୁ ଦେଖିବାକୁ ଚେଷ୍ଟା କରିବେ । ଏହିପରି ବୁକ୍ ଷ୍ଟଲ୍‌ରେ ନୂତନ ପୁସ୍ତକମାନ ମଧ୍ୟ ଆସିଯାଇଛି, ତାହାର ମଧ୍ୟ ନିଶ୍ଚୟ ପରିଦର୍ଶନ କରିବେ । ଅନ୍ତରାଳରେ କେବଳ ବଜାରକୁ ଯାଇ କିଣାବିକା ନକରି, ବରଂ ଏହି ଆଧ୍ୟାତ୍ମିକ ଆହାରରୁ ମଧ୍ୟ ଉପକୃତ ହେବାକୁ ପ୍ରୟାସ କରିବେ । ଅଲ୍ଲାଃତାଲା ସମସ୍ତଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

25th July 2025

*Translated to Odia by :* Moulavi Anwar Ahmad Khan